# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 20 November - 2024

### News Editor : Itishree Singh Rathaur

*************************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଖରିଫ ଧାନକିଣା ପ୍ରକ୍ରିୟା ଆଜିଠାରୁ ଆରମ୍ଭ ।

  - ବରଗଡ଼ ଜିଲ୍ଲାରୁ ଶୁଭାରମ୍ଭ କଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ ।

- ସାମୁଦ୍ରିକ ବାତ୍ୟା ‘ଦାନା’ର କ୍ଷୟକ୍ଷତିର ଆକଳନ କରିବା ପାଇଁ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିବେ କେନ୍ଦ୍ରୀୟ ଦଳ ।

- ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନାମଲେଖା ଆବେଦନ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ।

ଏବଂ

- ରାଜ୍ୟରେ ଶୀତର ପ୍ରଭାବ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଜାରି ରହିବ : ପାଣିପାଗ ବିଭାଗ ପକ୍ଷରୁ ସୂଚନା ।

*Desk, Bargarh*

# ଧାନ ସଂଗ୍ରହ

ରାଜ୍ୟରେ ଖରିଫ୍ ଧାନକିଣା ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି। ବରଗଡ଼ ଜିଲ୍ଲାରେ ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧିବଦ୍ଧ ଭାବେ ଧାନକିଣା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଜିଲ୍ଲାର ତିନୋଟି ମଣ୍ଡିରେ ଆଜିଠାରୁ ଚାଷୀମାନେ ଧାନ ବିକ୍ରି କରିପାରିବେ। ପ୍ରଥମେ କଳାପାଣି ମଣ୍ଡିରୁ ଧାନ ସଂଗ୍ରହ ହୋଇଥିବା ବେଳେ ପରେ ଅତାବିରା ଓ ଗୋଡ଼ଭଗା ମଣ୍ଡିରୁ ଧାନ ସଂଗ୍ରହ ଆରମ୍ଭ ହୋଇଛି। ଆସନ୍ତାକାଲି ସମ୍ବଲପୁରରେ ଧାନକିଣା ଆରମ୍ଭ ହେବ। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଧାନକିଣାଠାରୁ ଆରମ୍ଭ କରି ବିକ୍ରି ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ଉପରେ ସରକାରଙ୍କ ତୀକ୍ଷ୍ଣ ନଜର ରହିବ।

**- V/O -**

ଚାଷୀଙ୍କଠାରୁ କୁଇଣ୍ଟାଲ୍ ପିଛା ୩ ହଜାର ୧୦୦ ଟଙ୍କାରେ ଧାନ ସଂଗ୍ରହ କରାଯିବ । କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ କୁଇଣ୍ଟାଲ୍ ପିଛା ୮୦୦ ଟଙ୍କା ଅଧିକ ପ୍ରଦାନ କରିବେ ବୋଲି ଗତକାଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସୂଚନାଯୋଗ୍ୟ ରାଜ୍ୟ ସରକାର ଚଳିତ ଖରିଫ ଋତୁରେ ୮୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖିଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟା ଆସନ୍ତା ଜାନୁଆରୀ ଶେଷ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି।

*Angul*

## କେନ୍ଦ୍ରମନ୍ତ୍ରୀଙ୍କ ଅନୁଗୁଳ ଗସ୍ତ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଦିନିକିଆ ଅନୁଗୁଳ ଗସ୍ତରେ ଯାଇ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ସକାଳେ ଲକ୍ଷ୍ମୀବଜାର ସ୍ଥିତ ରାଣୀସତୀ ଦାଦି ମନ୍ଦିର ଦର୍ଶନ କରିବା ପରେ ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ଦିଶା ବୈଠକରେ ଉପସ୍ଥିତ ରହି ସମୀକ୍ଷା କରିଛନ୍ତି । ଅପରାହ୍ଣରେ ଆର୍‌ପିଡିଏସ୍ ବୈଠକରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

***Desk***

## ବାତ୍ୟା 'ଦାନା'ର କ୍ଷୟକ୍ଷତି ଆକଳନ

ସାମୁଦ୍ରିକ ବାତ୍ୟା 'ଦାନା'ର କ୍ଷୟକ୍ଷତିର ଆକଳନ କରିବା ପାଇଁ ଆସନ୍ତା ୨୪ ତାରିଖ ଦିନ ଏକ କେନ୍ଦ୍ରୀୟ ଦଳ ଓଡ଼ିଶା ଗସ୍ତରେ ଆସିବେ ବୋଲି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ପି.କେ. ରାୟଙ୍କ ଅଧ୍ୟକ୍ଷତାରେ ୭ ଜଣିଆ ଦଳ ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ବାତ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତକରି କ୍ଷୟକ୍ଷତିର ଆକଳନ କରିବେ । କେନ୍ଦ୍ରୀୟ ଦଳ ଏହି ୩ଟି ଜିଲ୍ଲା ଗସ୍ତ ଶେଷକରି ୨୬ ତାରିଖରେ ଭୁବନେଶ୍ୱରରେ ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି ।

***Desk***

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ମାସ ୨୪ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୬ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ। ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରଧାନମନ୍ତ୍ରୀଙ୍କର ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ମନ୍ କି ବାତ୍‌ର ଭାଷାନ୍ତର ପୁଣିଥରେ ସେହିଦିନ ରାତି ୮ଟାରେ ପ୍ରସାରଣ କରାଯିବ।

***Desk***

## ରେଳବାଇ ପକ୍ଷରୁ ୧ ହଜାର ସାଧାରଣ ବଗି

ସାଧାରଣ ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ଚଳିତ ମାସ ଶେଷ ସୁଦ୍ଧା ୧ ହଜାର ସାଧାରଣ ଶ୍ରେଣୀ ବଗି ଲଗାଯିବ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗତ ତିନିମାସ ମଧ୍ୟରେ ପ୍ରାୟ

୬୦୦ ସାଧାରଣ ବଗି ଯୋଡ଼ାଯାଇଛି । ଅବଶିଷ୍ଟ ବଗିଗୁଡ଼ିକ ଚଳିତ ମାସ ଶେଷ ସୁଦ୍ଧା ଯୋଡ଼ାଯିବ । ସାଧାରଣ ଶ୍ରେଣୀରେ ୧ ହଜାର ବଗି ଯୋଡ଼ିବା ଫଳରେ ଦୈନିକ ୧ ଲକ୍ଷ ରେଳଯାତ୍ରୀ ସୁବିଧା ପାଇବେ ବୋଲି ରେଳବାଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିଲ୍ଲୀପ କୁମାର କହିଛନ୍ତି । ସେହିଭଳି ଆସନ୍ତା ୨ ବର୍ଷ ମଧ୍ୟରେ ୧୦ ହଜାରରୁ ଅଧିକ ଅଣଶୀତତାପ ନିୟନ୍ତ୍ରିତ ସାଧାରଣ ବଗି ଯୋଡ଼ିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଯାହାଦ୍ୱାରା ୮ ଲକ୍ଷରୁ ଅଧିକ ରେଳଯାତ୍ରୀ ଦୈନିକ ସୁବିଧା ପାଇବେ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି ।

***Desk***

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ଆବେଦନ ତାରିଖକୁ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଆସନ୍ତା ଶିକ୍ଷାବର୍ଷ ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ଏହି ବର୍ଦ୍ଧିତ ସମୟସୀମା ଲାଗୁ ହେବ । ସୂଚନାଯୋଗ୍ୟ, ଏଥିପାଇଁ ଆବେଦନ କରିବାର ସମୟସୀମା ଆଜି ଶେଷ ତାରିଖ ଥିଲା । ଆସନ୍ତାବର୍ଷ ଜାନୁୟାରୀ ମାସରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୱେବ୍‌ସାଇଟ୍‌ରେ ପରୀକ୍ଷା ପ୍ରବେଶପତ୍ର ଉପଲବ୍ଧ ହେବ ବୋଲି ଜଣାପଡ଼ିଛି । ରାଜ୍ୟର ୩୧୩ଟି ବ୍ଲକରେ ୩୧୪ଟି ଆଦର୍ଶ

ବିଦ୍ୟାଳୟ ସହିତ ରାଜ୍ୟ ଖଣି ନିଗମର ଖଣି ଅଞ୍ଚଳଗୁଡ଼ିକରେ ୫ଟି ମାଇନିଂ ଆଦର୍ଶ ବିଦ୍ୟାଳୟ ଚାଲିଛି। ଏହିସବୁ ବିଦ୍ୟାଳୟଗୁଡ଼ିକରେ ୫୦ ପ୍ରତିଶତ ସ୍ଥାନ ଛାତ୍ରୀମାନଙ୍କ ପାଇଁ ସଂରକ୍ଷିତ ରହିଛି। ସବିଶେଷ ସୂଚନା ଜାଣିବା ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୱେବସାଇଟ୍ **www.oav.edu.in**ରେ ସମସ୍ତ ତଥ୍ୟ ଉପଲବ୍ଧ ଅଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

***Desk***

## +୨ ମେଧାବୃତ୍ତି ଆବେଦନ

ଯୁକ୍ତଦୁଇ ପାଠ୍ୟକ୍ରମର ଦ୍ୱିତୀୟ ବର୍ଷରେ ପଢୁଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ କନିଷ୍ଠ ମେଧାବୃତ୍ତି ପାଇବା ପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ କନିଷ୍ଠ ମହାବିଦ୍ୟାଳୟ ସମେତ ସିବିଏସ୍‌ଇ ଓ ଆଇସିଏସ୍‌ଇ ଅନୁବନ୍ଧିତ ବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ଏ ବାବଦରେ ଚିଠି ଲେଖି ଅବଗତ କରାଯାଇଛି। ରାଜ୍ୟ ସରକାରଙ୍କର ଇ-ମେଧାବୃତ୍ତି ଯୋଜନାରେ ମୋଟ ୧୦ ହଜାର ବିଦ୍ୟାର୍ଥୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯିବ। ଚଳିତ ମାସ ଶେଷ ସୁଦ୍ଧା ମେଧାବୃତ୍ତି ପାଇବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଛି।

***Desk***

## ବାଲିଯାତ୍ରା

କଟକ ବାଲିଯାତ୍ରାର ଅବଧି ଆଉ ଗୋଟିଏ ଦିନ ବୃଦ୍ଧି କରାଯାଇଛି । ଲୋକଙ୍କ ଆଗ୍ରହ ଏବଂ ଉତ୍ସାହକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ନେଇଛନ୍ତି । ବାଲିଯାତ୍ରା ୨୨ ତାରିଖ ଶୁକ୍ରବାର ପରିବର୍ତ୍ତେ ୨୩ ତାରିଖ ଶନିବାର ଦିନ ଶେଷ ହେବ । ବାଲିଯାତ୍ରାର ଷଷ୍ଠ ଦିନରେ ଆଜି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅନ୍ୟ କେତେକ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଜଣାପଡ଼ିଛି। ଚଳିତ ବର୍ଷ ଓରମାସ୍ ପକ୍ଷରୁ ରାଜ୍ୟର ଶତାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରାଯାଉଛି। ଗତକାଲି ଏହି ମେଳାରେ ୩ କୋଟି ୫୭ ଲକ୍ଷ ଟଙ୍କାର କାରବାର ହୋଇଥିବା ନେଇ ଓରମାସ୍ ପକ୍ଷରୁ ସୂଚନା ମିଳିଛି।

***Kendrapara***

## ଭିତରକନିକାକୁ ବିଦେଶୀ ପକ୍ଷୀଙ୍କ ଆଗମନ

କେନ୍ଦ୍ରାପଡ଼ା ଜିଲ୍ଲାର ଭିତରକନିକା ଜାତୀୟ ଉଦ୍ୟାନକୁ ବିଦେଶୀ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଛି। ଗହୀରମଥା, ମଠଆଡିଆ, ଧାମରା ମୁହାଣ, ବରୁଣେଇ ମୁହାଣ, ଜଉଦିଆ, ହଂସିଣା ଆଦି ବିଭିନ୍ନ ଜଳାଶୟମାନଙ୍କରେ ବହୁସଂଖ୍ୟାରେ ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀ ଆସୁଥିବା ଦେଖିବାକୁ ମିଳୁଛି। ବିଶେଷକରି ପୁରୁଣା ସାତଭାୟାରେ

ବିଦେଶୀ ପକ୍ଷୀଙ୍କ ସମାଗମ ହେବାରେ ଲାଗିଛି। ଶୀତଋତୁ ଆରମ୍ଭରୁ ବିଦେଶୀ ପକ୍ଷୀଙ୍କ ଆଗମନ ପାଇଁ ଭିତରକନିକାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି ।

***Desk***

## ଫୁସ୍‌ଫୁସ୍ ରୋଗ ଦିବସ

ଧୂମପାନରୁ ନିବୃତ୍ତ ରହିବା ସହିତ ସୁସ୍ଥ ଜୀବନଶୈଳୀ ଆପଣେଇବା ନେଇ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ ଦୀର୍ଘସ୍ଥାୟୀ ଶ୍ୱାସ ଅବରୋଧୀ ଫୁସ୍‌ଫୁସ୍ ରୋଗ ଦିବସ ପାଳନ କରାଯାଉଛି । ଫୁସ୍‌ଫୁସ୍ ସଂକ୍ରାନ୍ତ ରୋଗର କାରଣ ଏବଂ ଏହାର ନିରାକରଣ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଧୂମପାନଠାରୁ ଦୂରେଇ ରହିବା ଏବଂ ଫୁସ୍‌ଫୁସ୍ ଓ ଶ୍ୱାସକ୍ରିୟା ସଂକ୍ରାନ୍ତ ନିୟମିତ ବ୍ୟାୟାମ ଉପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି ।

***Bolangir***

## କୁଚ୍‌ବିହାର କ୍ରିକେଟ୍ ଟ୍ରଫି

ବଲାଙ୍ଗୀରଠାରେ ଉଣେଇଶ ବର୍ଷରୁ କମ୍ କୁଚ୍‌ବିହାର କ୍ରିକେଟ୍ ଟ୍ରଫି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାର ଗାନ୍ଧୀ ଷ୍ଟାଡ଼ିୟମ୍‌ଠାରେ ବିସିସିଆଇ ଓ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ କଟକଙ୍କ ସହଭାଗିତାରେ ଜିଲ୍ଲା କ୍ରୀଡ଼ା ସଂଘର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଛି । ଓଡ଼ିଶା ଓ ବରୋଦା ଦଳ ମଧ୍ୟରେ ଆଜି ପ୍ରଥମ ମ୍ୟାଚ୍ ଖେଳାଯାଉଛି । ବରୋଦା ଦଳ ଟସ୍ ଜିତି ବ୍ୟାଟିଂ କରୁଛି ।

***Desk***

# ପାଣିପାଗ

ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ଗତ ଦୁଇଦିନ ଧରି ତାପମାତ୍ରା ହ୍ରାସ ପାଇବା ଯୋଗୁଁ ଶୀତର ପ୍ରଭାବ ବୃଦ୍ଧି ପାଇଛି । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ପାଣିପାଗର ସ୍ଥିତିରେ ବିଶେଷ ପରିବର୍ତ୍ତନର ସୂଚନା ନାହିଁ ହେବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି । ଗତକାଲି କନ୍ଧମାଳ ଜିଲ୍ଲାର ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୬ ଦଶମିକ ୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା । ଆଜି ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, କଳାହାଣ୍ଡି, କନ୍ଧମାଳ ଓ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ଘନକୁହୁଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି । ଅନ୍ୟପକ୍ଷରେ ଚଳିତ ସପ୍ତାହର ଶେଷ ଆଡ଼କୁ ଦକ୍ଷିଣ ଆଣ୍ଡାମାନ ସାଗରରେ

ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଓଡ଼ିଶାରେ ଲଘୁଚାପର ପ୍ରଭାବ ରହିବା ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।